# ପିଲାଙ୍କ ଧରିତ୍ରୀ

ଶନିବାର ,୨୪ ଜୁନ, ୨୦୨୩



# ଗଛ ଆମର ଅମୂଲ୍ୟ ସମ୍ପଦ



ଗପ

ସକାଳୁ ସକାଳୁ ହାତରେ କୁରାଢ଼ି ଧରି ବାଡି ସଫା କରିବାକୁ ବାହାରିଗଲେ ସିତାଂଶୁ ବାବୁ। ବାଡ଼ି ପଛପଟ ସଫାସୁତରା କରିବା ସହ ବର୍ଷକ ପାଇଁ ଜାଳତକ ବି ସଂଗ୍ରହ ହୋଇଯିବ। ଏମିତିରେ ବି ପଡ଼ିଶା ଘର ରାମବାବୁ ଆସି ରୋକ୍‌ଠୋକ୍ ଶୁଣାଇ ଦେଇ ଯାଇଛନ୍ତି– ତାଙ୍କ ବାରିକୁ ଲାଗିକି ଥିବା ଗଛଗୁଡିକୁ କାଟିବାକୁ ହେବ। ତେଣୁ ଯାହା ବି ହେଉ ଆଜି ଗଛତକ କାଟିବାକୁ ହେବ।

ଏମିତି ଅନେକ କିଛି ଭାବି ଭାବି ଗଛ କଟାରେ ଲାଗି ପଡ଼ିଲେ ସିତାଂଶୁ ବାବୁ। କିଛି ଗଛ କାଟିବା ପରେ ହାଲିଆ ଲାଗିବାରୁ ଗଛମୂଳେ ଥକା ମାରି ବସିଗଲେ। ଏତିକି ବେଳେ ତାଙ୍କ ପୁଅ ଚିଲେଇ ଚିଲେଇ କହିଲା, ବାବା ତୁମେ କ'ଣ ପାଇଁ ଏ ଗଛଗୁଡ଼ିକୁ କାଟି ପକାଉଛ। ପୁଅ କଥା ଶୁଣି ସିତାଂଶୁ ବାବୁ କହିଲେ, ରାମ ମଉସା କହୁଛନ୍ତି ସେ ଗଛ ତାଙ୍କ ଫସଲ ନଷ୍ଟ କରି ଦେଉଛି। ଏମିତିରେ ବି ଆମ ଘର ପାଇଁ କିଛି ଜାଳ ବି ଦରକାର।

ଏକଥା ଶୁଣି ସିତାଂଶୁ ବାବୁଙ୍କ ପୁଅ କହିଲା, ବାବା ଏ ଯେଉଁ ଗଛ କାଟି ପକାଉଛ, ସେ କେତେ ଉପକାରୀ ଜାଣିଛ! ଗଛ କାଟିବା ଦ୍ୱାରା କ'ଣ କ'ଣ କ୍ଷତି ହେଉଛି ତୁମେ ଆକଳନ କରିପାରୁଛ? ସେ ତା' ଜୀବନ କାଳ ମଧ୍ୟରେ କେବଳ ଆମର ଉପକାର ହିଁ କରିଥାଏ। ଫୁଲ ଫଳଠାରୁ ଆରମ୍ଭ କରି ଅନେକ ଔଷଧୀୟ ପଦାର୍ଥ ମାନ ଯୋଗାଇଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଅମ୍ଳଜାନ, ଯାହା ବିନା ଜୀବଜଗତ ତିଷ୍ଠିବା ଅସମ୍ଭବ ତାହା ଆମେ ଗଛଠାରୁ ପାଇଥାଉ।

ଆମେ ଯେଉଁ ବିକାଶ ନାଁ ନେଇ ବିନାଶ କରିବାରେ ଲାଗିଛେ ତାହାର ପରିଣାମ ଆମକୁ ଧୀରେ ଧୀରେ ଭୋଗିବାକୁ ପଡ଼ିଲାଣି। ଠିକ୍ ସମୟରେ ବର୍ଷା ହେଉନି କି ଶୀତ ହେଉନି। ଫଳରେ ଚାଷୀଭାଇମାନଙ୍କୁ କ୍ଷତି ସହିବାକୁ ପଡୁଛି। ବର୍ଷାର ଅନିୟମିତତା ପାଇଁ କେତେବେଳେ ମରୁଡି ତ କେତେବେଳେ ବନ୍ୟା ହେଉଛି। ଗଛ କାଟିବା ଦ୍ୱାରା ସୁବୁଠୁ ବଡ ସମସ୍ୟା ହେଉଛି ପୃଥିବୀର ଉତ୍ତାପ ବୃଦ୍ଧି ହେବା। ଯେଉଁଥିପାଇଁ ସାରା ବିଶ୍ୱ ଏବେ ଚିନ୍ତାରେ।

ଗଛ ସଂଖ୍ୟା କମିବା ଦ୍ୱାରା ଅଙ୍ଗାରକାମ୍ଳର ପରିମାଣ ବଢ଼ିଚାଲିଛି ଓ ଅମ୍ଳଜାନ କମିବାରେ ଲାଗିଛି। ଖରାଦିନେ ତ ଏତେ ମାତ୍ରାରେ ଖରା ହେଉଛି ସାଧାରଣରେ ଘରୁ ବାହାରିବା ସମ୍ଭବ ହେଉନାହିଁ। ତୁମେ ଏବେ ଯେଉଁ ଗଛ ମୂଳରେ ବସିଛ ତାକୁ ପରା ଆଉ ଟିକେ ପରେ କାଟିଥାନ୍ତ, ଏବେ କାହିଁ ତା ମୂଳରେ ବିଶ୍ରାମ ନେଉଛ! ଆମେ ଯାହାଠାରୁ ଏତେ ସବୁ ସୁବିଧା ପାଉଛେ, ତା' ପାଇଁ ସାଧାରଣରେ ଆମେ କିପରି ଏତେ ନୃଶଂସ ହୋଇପାରୁଛେ! ପୁଅଠାରୁ ଏକଥା ଶୁଣି ସିତାଂଶୁ ବାବୁ ବୋକା ଭଳି ଚାହିଁ ରହିଥାନ୍ତି। କେତେ ମହାନ୍ ଚିନ୍ତାଧାରା। ଏସବୁ କଥା ତୁ କେଉଁଠୁ ଜାଣିଲୁ ?

ବାବା କାଲି ଆମ ଶ୍ରେଣୀରେ ଗଛର ମହାନତା ବିଷୟରେ ପଢ଼ା ହେଉଥିଲା। ସାର୍ ମଧ୍ୟ ଏ କଥା କହିଛନ୍ତି, ଆମେ ସମସ୍ତଙ୍କୁ ଏ ବିଷୟରେ ଅବଗତ କରାଇ ପୃଥିବୀକୁ ଆସୁଥିବା ବଡ଼ ବିପଦରୁ ବଞ୍ଚାଇପାରିବା। ଯଦି ଆମେ ଗୋଟେ ଗଛ କାଟୁଛେ ବଦଳରେ ଅନେକ ଗଛ ଲଗାଇବା ଦରକାର। ଆବଶ୍ୟକତା ନ ଥିଲେ ଗଛ କାଟିବା ନାହିଁ। ନିଜେ ବଞ୍ଚିବା ସହ ଆଗତ ପିଢିପାଇଁ ବି ଚିନ୍ତା କରିବାର ଅଛି।

ଏକଥା ଶୁଣି ସିତାଂଶୁ ବାବୁ କହିଲେ, ଯାହା ହେଉରେ ପୁଅ ତୁ ମୋର ଆଖି ଖୋଲିଦେଲୁ। ସଭିଏଁ ମିଶିକି ଶପଥ କରିବାକୁ ହେବ। ଆମ ଧରିତ୍ରୀକୁ ବଞ୍ଚାଇବାକୁ ହେବ। ଯେଉଁ ଗଛ ଆମେ କାଟି ଦେଉଛେ ସେଇ ଗଛ ଦିନେ ଆମକୁ ଖରାତରାରୁ ରକ୍ଷା କରିଥିଲା ବୋଲି ମନେ ହେଜିବାକୁ ହେବ।

ରାମବାବୁ ମଧ୍ୟ ତାଙ୍କ ବାରିପଟେ ରହି ଏ ସବୁ ଶୁଣୁଥାନ୍ତି। ଶେଷରେ ସେ ମଧ୍ୟ କହିଲେ, ସତରେ ପୁଅ ତୁ ଆମ ଆଖି ଖୋଲିଦେଲୁ। ଆଗାମୀ ଦିନ ପାଇଁ ଆସୁଥିବା ବିପଦରୁ ରକ୍ଷାକରିବା ନିମନ୍ତେ ଆମେ ପ୍ରତିଶ୍ରୁତିବଦ୍ଧ।

**– ଅର୍ଜୁନ ଦାସ**
ମାଧବ, ନିଆଳି, କଟକ
ମୋ: ୭୭୩୫୯୫୭୧୫୧

# ପାରଦ

ପାରଦ ଏକମାତ୍ର ଧାତୁ, ଯାହାକି ପୃଥିବୀପୃଷ୍ଠରେ ତରଳ ଅବସ୍ଥାରେ ମିଳିଥାଏ। ରୁପେଲି ରଙ୍ଗର ଉଜ୍ଜ୍ୱଳ ଦେଖାଯାଉଥିବା ଏହି ଧାତୁକୁ କ୍ୱିକ୍ ସିଲ୍‌ଭର୍ ବୋଲି ମଧ କୁହାଯାଇଥାଏ। ତାପମାତ୍ରା ମାପିବା ଲାଗି ଥର୍ମୋମିଟରରେ ଏହା ବ୍ୟବହାର କରାଯାଇଥାଏ। ଜାଣିବା ଏହା ସମ୍ପର୍କରେ କିଛି କଥା...

- ପାରଦର ଇଂଲିଶ୍ ନାମ ହେଉଛି ମର୍କ୍ୟୁରୀ। ରୋମାନ୍ ଦେବତା ମର୍କ୍ୟୁରୀଙ୍କ ନାମରେ ଏହାକୁ ନାମିତ କରାଯାଇଛି ବୋଲି କୁହାଯାଏ।
- ଏହାର ରାସାୟନିକ ନାମ Hg, ଯାହାକି ଲାଟିନ୍ ଶବ୍ଦ ହାଇଡ୍ରାର୍ଜିରମ୍‌ରୁ ଆସିଛି।
- ଏହା ମୁକ୍ତ ଅବସ୍ଥାରେ ଖୁବ୍ କମ୍ ମିଳିଥାଏ। ଏହାର ମୁଖ୍ୟ ଓର୍ ହେଉଛି ସିନେବାର, ଯାହାକି ସ୍ପେନ୍, ଆମେରିକା, ମେକ୍ସିକୋ, ଜାପାନ, ଚାଇନା ଏବଂ ମଧ୍ୟୟୁରୋପରେ ମିଳିଥାଏ।
- ପାରଦ ପୃଥିବୀପୃଷ୍ଠରେ ଏକମାତ୍ର ଏଭଳି ଧାତୁ, ଯାହା ସାଧାରଣ ତାପମାତ୍ରା ଏବଂ ଚାପରେ ତରଳ ଅବସ୍ଥାରେ ମିଳିଥାଏ।
- ଏୟାରକ୍ରାଫ୍ଟରେ ଏହାକୁ ନେବା ମନା। କାରଣ ଏୟାରକ୍ରାଫ୍ଟ ପ୍ରସ୍ତୁତ ହେବା ଲାଗି ଆଲୁମିନିୟମ୍ ବ୍ୟବହାର କରାଯାଇଥାଏ। ପାରଦ ଆଲୁମିନିୟମ ସହ ଏକ ମିଶ୍ରଣ ସୃଷ୍ଟି କରେ, ଯାହାକି ଆଲୁମିନିୟମକୁ ଜଙ୍କ୍ ହେବାରୁ ରକ୍ଷା କରୁଥିବା ଉପାଦାନକୁ ନଷ୍ଟ କରିଦିଏ।
- ପାରଦ ଅଧିକାଂଶ ଏସିଡ୍ ସହିତ ମିଶିଲେ କୌଣସି ପ୍ରତିକ୍ରିୟା ପ୍ରକାଶ କରି ନ ଥାଏ।

# ଖିଲି ଖିଲି ହସ



ଶିକ୍ଷକ କହିଲେ, ବିଦେଶରେ ରହୁଥିବା ୧୫ବର୍ଷର ପିଲା ନିଜ ଗୋଡ଼ରେ ଠିଆ ହୋଇଯାଉଛନ୍ତି।
ଏହା ଶୁଣିଲା ପରେ ରାଜୁ କହିଲା– ସାର୍, ଆମ ଭାରତରେ ତ ବର୍ଷକର ପିଲା ଦୌଡୁଛି।

ଦିନେ ପପୁ ରାସ୍ତାରେ ଯିବା ସମୟରେ ତା' ପାଖ ଦେଇ ଅଟୋଟିଏ ଗଲା। ଏହା ଦେଖି ପପୁ କହିଲା– ଭାଇ! ତୁମେ ଦୁର୍ଗା ମନ୍ଦିର ରାସ୍ତା ଦେଇ ଯିବ କି?
ଅଟୋବାଲା–ହଁ।
ପପୁ: ତେବେ ଫେରିଲା ବେଳକୁ ମୋ ପାଇଁ ଭୋଗ ନେଇ କି ଆସିବ।

ଗୋଟେ କମ୍ପାନୀର ମ୍ୟାନେଜର ଅତି ନମ୍ର ସ୍ୱରରେ ତାଙ୍କର ଏକ କର୍ମଚାରୀକୁ କହିଲେ– କ୍ଷମା କରିବ ଚନ୍ଦନ, ମୁଁ ତୁମକୁ ଶୋଇବା ସମୟରେ ଜମା ବି ଉଠାଇ ନଥା'ନ୍ତି, ଯଦି ଏ କଥାଟା ଏତେ ଗୁରୁତ୍ୱପୂର୍ଣ୍ଣ ହୋଇ ନ ଥା'ନ୍ତା। ତୁମକୁ ଆଜିଠାରୁ ଚାକିରିରୁ ବରଖାସ୍ତ କରାଗଲା।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

# ହାତାହାତି

- 'ସବୁଠାରୁ ସୁଖୀ' ଗପଟି ପିଲାଙ୍କ ଲାଗି ଶିକ୍ଷଣୀୟ ହୋଇପାରିଛି।

**– ତାପସ ସାହୁ, ଭୁବନ, ଢେଙ୍କାନାଳ**

- ଆଇନା ସ୍ତମ୍ଭରେ ପ୍ରକାଶିତ ଫଟୋ ଖୁବ୍ ସୁନ୍ଦର ହୋଇଛି।

**– ମନୋରଞ୍ଜନ ମହାନ୍ତି, ବରି, ଯାଜପୁର**

- କହିଲ ଦେଖି ସ୍ତମ୍ଭଟି ପଢ଼ିବାକୁ ଭଲ ଲାଗୁଛି।

**– ରଞ୍ଜନ ମହାପାତ୍ର, ନିମାପଡା, ପୁରୀ**

- ଜଣା ଅଜଣା ପୃଷ୍ଠାରେ ଚାତକ ପକ୍ଷୀ କିପରି ବର୍ଷକ ମଧ୍ୟରେ ଥରେ ପାଣି ପିଇ ରୁହେ ଏ ସମ୍ପର୍କରେ ଅନେକ କଥା ଜାଣିପାରିଲି।

**– ସାଇ ଶାଶ୍ୱତୀ ମିଶ୍ର, ନୀଳାଦ୍ରି ବିହାର, ଭୁବନେଶ୍ୱର**

# ରଙ୍ଗ ଦିଅ



# ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

ଛୁଟି ସରିଆସିବା ବେଳକୁ
ରଜମଉଜ ଭିତରେ
କିଛି ସମୟ ପାଇଁ ହୁଏତ
ବହିପାଠକୁ ମନରୁ ପାସୋରି
ଦେଇଥିଲେ ପିଲାଏ। ହେଲେ
ସ୍କୁଲ ଖୋଲିବାର ସମୟ
ଆସିବାରୁ ହଠାତ୍ ପୁଣିଥରେ
ସଜବାଜ ହୋଇଛନ୍ତି
ସେମାନେ। ବହିବସ୍ତାନି
ସଜାଡି ନୂଆ ଉତ୍ସାହର ସହିତ
ଆରମ୍ଭ କରିଛନ୍ତି ପାଠପଢ଼ା।



# ଛୁଟି ପରେ...

ଖରାଛୁଟି ପରେ ଖୋଲିଛି ସ୍କୁଲ। ପିଲାମାନେ ଛୁଟି କଟେଇବା ପରେ ପୁଣି ଥରେ ଫେରିଛନ୍ତି ନିଜ ନିଜ କ୍ଲାସରୁମକୁ। ଅବଶ୍ୟ ଅତ୍ୟଧିକ ଗରମ ପାଇଁ ଆହୁରି ଦୁଇଦିନ ଅତିରିକ୍ତ ଛୁଟି ମିଳିଥିଲା ପିଲାଙ୍କୁ। ହେଲେ ତାପରେ ଆରମ୍ଭ ହୋଇଛି ପାଠପଢ଼ା। ଏଣିକି ଧରାବନ୍ଧା ସମୟ ଭିତରେ ପିଲାଙ୍କୁ ପୁଣି ଥରେ ନିଜ ଜୀବନଶୈଳୀ ସଜାଡ଼ିବାକୁ ହେବ। ଖାଇବା, ଶୋଇବା, ପଢ଼ିବା ଆଦି ସବୁ କାମକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଶେଷ କରିବାକୁ ହେବ। ସମୟ ସାରଣୀ ପ୍ରସ୍ତୁତ କରି ଲକ୍ଷ୍ୟପଥରେ ପହଞ୍ଚିବାକୁ ଉଦ୍ୟମ ଆରମ୍ଭ ହୋଇଯିବ। ତେବେ ଏତେ ଦିନର ଛୁଟି ପରେ ପିଲା ପାଠମନସ୍କ ହେବା ପାଇଁ ନିଜକୁ କିଭଳି ପ୍ରସ୍ତୁତ କରିଛନ୍ତି ସେନେଇ ଭିନ୍ନ ଭିନ୍ନ ଅନୁଭବ ରହିଛି..

## ଖୁସି ଲାଗୁଛି



ଛୁଟିରେ ବୁଲାବୁଲି ଖେଳ ବହୁତ ହୋଇଛି। ଏତେଦିନ ଛୁଟିକୁ ଖୁବ୍ ଏନ୍‌ଜଏ କରିଛି। ମାମୁଘରକୁ ଯିବା ସହ ଆମ ଗାଁକୁ ଯିବା ଆଉ ବାବାଙ୍କ ସହ ଭୁବନେଶ୍ୱରର ବିଭିନ୍ନ ସ୍ଥାନ ବୁଲାବୁଲି କରି ବହୁତ ମଜା କରିଛି। ତେଣୁ ଛୁଟି ସରିବା ପରେ ଏବେ ଖାଲି ପାଠପଢ଼ା। ଖୁବ୍ ବୁଲାବୁଲି ହେଲା ସତ ହେଲେ ଏତେ ଦିନ ହେଲାଣି ସ୍କୁଲ ଯାଇ ନ ଥିଲି ବୋଲି ଭଲ ଲାଗୁ ନ ଥିଲା। ଏବେ ସ୍କୁଲ ଖୋଲିବା ପରେ ପୁଣି ଥରେ ସାଙ୍ଗମାନଙ୍କ ସହ ଦେଖା ହେବାରୁ ବହୁତ ଖୁସି ଲାଗୁଛି। ସାଙ୍ଗମାନଙ୍କ ସହ ଦେଖାହେବ ବୋଲି ସ୍କୁଲ ଖୋଲିବା ଦିନକୁ ମୁଁ ଜମାରୁ ଭୁଲି ନ ଥିଲି।

-ସାଇ ଶୁଭମ ପୁରୀ
କ୍ଲାସ- ୩, ଡ୍ରିମ ଇଣ୍ଡିଆ ସ୍କୁଲ, ନେତାଜୀ ନଗର, ମଧୁପାଟଣା, କଟକ



## ପୂରା ପ୍ରସ୍ତୁତ



ଛୁଟିରେ ଗାଁକୁ ଯାଇଥିଲି। ଗାଁରୁ ଫେରି ସବୁ ସଜାଡି ସ୍କୁଲ ଯିବାକୁ ପୂରା ପ୍ରସ୍ତୁତ ହୋଇଛି। ଏଥର ସ୍କୁଲକୁ ନେବା ପାଇଁ ମୋର ନୂଆ ବ୍ୟାଗ୍ ଆଉ ଟିଫିନ୍ କିଣା ହୋଇଛି। ହେଲେ ଏବର୍ଷ ୟୁନିଫର୍ମ କିଣିବାକୁ ପଡିନି। ବହି ଖାତା ସବୁଥିରେ ନୂଆ କଭର ବି ଲଗେଇ ଦେଇଛି। ସବୁ ପ୍ରକାରର ପ୍ରସ୍ତୁତି କରି ସ୍କୁଲକୁ ଆସିଛି। ଏବେ ଖାଲି ପାଠ ପଢିବାକୁ ହେବ। ବହୁତ ଦିନ ବୁଲାବୁଲି ହୋଇଛି। ଏବେ ମନଦେଇ ପାଠ ପଢ଼ିବାକୁ ହେବ ବୋଲି ମାମା ତାଗିଦ କରି ସାରିଛି। ଅବଶ୍ୟ ଗାଁରେ ଏତେଦିନ ରହିବା ପରେ ମନ ବହୁତ ଖୁସି ଅଛି। ତେଣୁ ସ୍କୁଲ ଯିବା ପାଇଁ ଭଲ ଲାଗୁଛି।

-ଆରଭ ପାତ୍ର
କ୍ଲାସ-୨, ଗାଇଡାନ୍ସ ଇଂଲିଶ ମିଡିୟମ୍ ସ୍କୁଲ, ଡୁମୁଡୁମା, ଭୁବନେଶ୍ୱର

## ସାଙ୍ଗମାନଙ୍କ ସହ ଦେଖାହେଉଛି

ଖରାଛୁଟିରେ ବେଶି ଦିନ ବୁଲାବୁଲି କରିନି। ଘରେ ରହି ଟିଉଶନ ହେବା ସହିତ ଅନ୍‌ଲାଇନ୍ କ୍ଲାସ କରୁଥିଲି। କେବଳ ରଜ ପାଇଁ ଗୋଟିଏ ସପ୍ତାହ ଛୁଟି ଏନ୍‌ଜଏ କରିଛି। ତା'ପରେ ପୁଣି ଥରେ ବିଧିବଦ୍ଧଭାବେ ସେଇ ପାଠପଢା ଆରମ୍ଭ ହୋଇଛି। ହେଲେ ଏବେ ସ୍କୁଲ ଖୋଲିଛି ବୋଲି ସବୁ ସାଙ୍ଗମାନଙ୍କ ସହ ଦେଖା ହୋଇପାରୁଛି, ସେଥିପାଇଁ ବହୁତ ଖୁସି ଲାଗୁଛି। ତା' ଛଡ଼ା ଏବର୍ଷ ମତେ ବହୁତ ପରିଶ୍ରମ କରିବାକୁ ହେବ। ତେଣୁ ସ୍କୁଲ ଖୋଲିବା ପରେ କ୍ଲାସ୍‌ରୁମ ସାଙ୍ଗକୁ ଟିଉଶନ ସବୁକିଛି ପୁରୁଣା ରୁଟିନ୍ ଲାଇଫ୍ ଭଳି ଆରମ୍ଭ ହୋଇଯାଇଛି। ଛୁଟିରେ ସ୍କୁଲ ସାଙ୍ଗମାନଙ୍କୁ ବହୁତ ମିସ୍ କରୁଥିଲି। ତେଣୁ ସ୍କୁଲ ଖୋଲିଗଲା ବୋଲି ଭଲ ଲାଗୁଛି।



-କ୍ଷୀରାବ୍ଧି ତନୟା ନାଥ
କ୍ଲାସ-୧୦, ଓଡିଏମ୍ ଗ୍ଲୋବାଲ ସ୍କୁଲ, ଭୁବନେଶ୍ୱର

## ନୂଆ ଲାଗୁଛି

ସ୍କୁଲ ଯିବା ପାଇ ମୋର ସବୁ ନୂଆ କିଣା ହୋଇଥିଲା। ସେଥିପାଇଁ ମୁଁ ସ୍କୁଲ କେବେ ଖୋଲିବ ଅପେକ୍ଷା କରି ବସିଥିଲି। କାହିଁକିନା ନୂଆ ବ୍ୟାଗ୍, ନୂଆ ଜୋମେଟ୍ରି ବକ୍ସ ଆଉ ନୂଆ ଟିଫିନ୍ ବକ୍ସ ନେଇ ଯିବାକୁ ମତେ ବହୁତ ଇଚ୍ଛା ହେଉଥିଲା। ସ୍କୁଲ ଖୋଲିବା ପରେ ଏବେ ମତେ କିଛି ଦିନ ପାଇଁ ସବୁ ନୂଆ ନୂଆ ଲାଗୁଛି। ସାଙ୍ଗମାନଙ୍କ ସହ ଦେଖା ହଉଛି, ବହୁତ ଖୁସି ଲାଗୁଛି। ଅନ୍ୟ ସାଙ୍ଗମାନଙ୍କର କିଛି ନୂଆ ନୂଆ ଜିନିଷ ଦେଖିବାକୁ ମିଳୁଛି। ତା' ଛଡା ସମସ୍ତେ କେମିତି ଛୁଟି କଟେଇଛନ୍ତି ସେନେଇ ପରସ୍ପର ସହ କଥାବାର୍ତ୍ତା ହେବାକୁ ବି ବହୁତ ଭଲ ଲାଗୁଛି। ସ୍କୁଲରେ ତ ଖେଳ କ୍ଲାସ୍, କମ୍ପ୍ୟୁଟର କ୍ଲାସ୍ ଆଉ ମ୍ୟୁଜିକ୍ କ୍ଲାସ୍‌ରେ ବହୁତ ମଜା ହୁଏ। ତା' ଛଡା ଗାଡିରେ ସବୁଦିନ ଏକାଠି ସ୍କୁଲକୁ ଯିବାବେଳେ ବି ବହୁତ ଭଲ ଲାଗେ।



-ହିମାଦ୍ରି ତନୟ ବେହେରା
କ୍ଲାସ- ୫, ଆଦାନୀ ଡିଏଭି ପବ୍ଲିକ ସ୍କୁଲ, ଧାମରା, ଭଦ୍ରକ

## ପାଠ ପଢ଼ିବାକୁ ହେବ

ଏତେ ଦିନ ବୁଲାବୁଲି ହୋଇଛି ତେଣୁ ଏଣିକି ଖାଲି ପାଠପଢ଼ା। ଏମିତି ତାଗିଦ କରିଛନ୍ତି ବାପା। ତେଣୁ ଏବେ ସ୍କୁଲ ଟିଉଶନ ଯିବାକୁ ପଡିବ। ପାଠପଢା ହୋମ୍‌ୱାର୍କ ଏସବୁ ଭିତରେ ନିଜକୁ ହଜେଇ ଦେବାକୁ ହେବ। ଅବଶ୍ୟ ଏତେଦିନ ବୁଲାବୁଲି ପରେ ମନ ପୂରା ଫ୍ରେଶ୍ ଅଛି। ତେଣୁ ଏବେ ଟିକେ ଭଲକି ପାଠ ପଢିବାକୁ ହେବ, ନ ହେଲେ ପରୀକ୍ଷାରେ ମାର୍କ କମ୍ ଆସିବ। ଆଉ ମାର୍କ କମିଗଲେ ସବୁଆଡୁ ଗାଳି ଶୁଣିବାକୁ ପଡ଼ିବ। ଭଲ ନମ୍ବର ରଖିବାକୁ ହେଲେ ସବୁବେଳେ ସ୍କୁଲ ଯିବା ସହ ପାଠସବୁ ମନେ ରଖିବାକୁ ହେବ।



-ସାଇ ଦିବ୍ୟାଂଶୀ ବାରିକ
କ୍ଲାସ- ୪, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନାଲିବର, ଜଗତସିଂହପୁର




୧



୨



୩



୭



୪



୫



୬



୮

୧



ପଦ୍ମିନୀ ସୁବୁଦ୍ଧି
କ୍ଲାସ-୧୦,
ସରକାରୀ ବାଳିକା
ଉଚ୍ଚ ବିଦ୍ୟାଳୟ,
ପୁରୀ

୨

ବିଦ୍ୟା ଜୟସିଂହ
କ୍ଲାସ- ୬,
ରୁଚିକା ହାଇସ୍କୁଲ,
ଗଙ୍ଗନଗର,
ଭୁବନେଶ୍ୱର



୩



ସାଇ ଶିବେଶ
ବେହେରା
କ୍ଲାସ-୫,
କାର୍ମେଲ ସ୍କୁଲ,
ରାଉରକେଲା

୪

ବୈଭବ
ରାଉତରାୟ
କ୍ଲାସ- ୫, ଡିଏଭି
ପବ୍ଲିକ ସ୍କୁଲ,
ଚନ୍ଦ୍ରଶେଖରପୁର,
ଭୁବନେଶ୍ୱର



୫



ଦେବାଂଶୁ ଆଚାର୍ଯ୍ୟ
କ୍ଲାସ- ୪,
ବିବିଆଇଟି ପବ୍ଲିକ
ସ୍କୁଲ, ବୁଗିବୁଗି,
କୋଲକାତା

୬

ସୃଜନୀ ଶୁଭଲକ୍ଷ୍ମୀ
କ୍ଲାସ-୧,
କେନ୍ଦ୍ରୀୟ ବିଦ୍ୟାଳୟ,
ନୂଆପଡା



୭



ଦେବସ୍ମିତା ସାହୁ
କ୍ଲାସ-୪, କେନ୍ଦ୍ରୀୟ
ବିଦ୍ୟାଳୟ ନଂ ୨,
କଟକ

୮

ଇ. ସାଇଶ୍ରୀ ପାତ୍ର
କ୍ଲାସ- ୩,
ବିଜେଇଏମ୍
ସ୍କୁଲ୍,
ଭୁବନେଶ୍ୱର





# କୁନିର ରଥ

ରଙ୍ଗ ବେରଙ୍ଗୀ କାଗଜ ଫୁଲେ
ଗଢ଼ିଛି କୁନି ରଥ,
ସରାଗେ ଡାକେ ହାତକୁ ଯୋଡ଼ି
ଜଗନ୍ନାଥ ହେ ଆସ।
ଭଉଣୀ ଭାଇ ଆସ ତିନିହେଁ
ବସ ହେ ହସି ହସି,
କୁନି ଭକତ କରିଛି ମନ
ନ ହେଲେ ଯିବ ରୁଷି।
ଦାସିଆ ହାଡ଼ି ପଇଡ଼ ନେଇ
ରଖିଲ ଭକ୍ତ ମାନ,
ବାଲିର ରଥେ ବସିଲ ଜଗା
ରଖି ବଳିଆ ମନ।
ବନ୍ଧୁ ମହାନ୍ତି ବନ୍ଧୁ ପଣିଆ
ଯଶ ବାନା ଉଡ଼ାଇ,
ଭକ୍ତ ବିଦୁର ଶାଗ ଭଜାରେ
ଦେଲା ମନ ତୋଷାଇ।
ଦାରିଦ୍ର୍ୟ ପଣେ ବନ୍ଧୁ ସୁଦାମା
ମୁଠାଏ ଖୁଦ ଦେଇ,
ଭକ୍ଷଣ କରି ଅତି ଆଦରେ
ନେଲ ତାକୁ କୋଳେଇ।
କୁନି ମନରେ ଡାକୁଛି ଆସ
ପୂଜା ବିଧି ଜାଣିନି,
ମୋ କୁନି ରଥେ ନେବି ବୁଲେଇ
ଅତି ସରାଗେ ଟାଣି।
**– ମନୀଷା ପଣ୍ଡା**
ମୋ: ୮୨୪୯୬୮୬୦୯୩

# ଏଇ ଅଳି ମୋର

କ ବି ତା

ବାହୁଡ଼ା ଦିନ ମୋ ବାହୁଡ଼ି ଆସିବେ
ନବଘନ ବନମାଳୀ,
ବଡ଼ ଦାଣ୍ଡେ ଘଣ୍ଟ ଘଣ୍ଟା ବାଜୁଥିବ
ଗୁଞ୍ଜୁଥିବ ହୁଳହୁଳି।
ତିନି ରଥେ ତିନି ଦିଅଁ ବସିଥିବେ
ଫେରିବାକୁ ଶ୍ରୀମନ୍ଦିର,
ଭକତଙ୍କ ମେଳେ ଆସୁଥିବେ ପ୍ରଭୁ
ଦିଶୁଥିବେ କି ସୁନ୍ଦର।
ଘରୁ ନେଇଥିବି ବାରି ନଡ଼ିଆକୁ
ଭୋଗ ଲାଗି ଜଗା ପାଶେ,
ଟଗର,ମନ୍ଦାର,ଚମ୍ପା କନିଅର
ଗାମୁଛାରେ ବାନ୍ଧି ପୋଷେ।
ଅରପଣ କରି ପାଦ ତଳେ ସବୁ
କହିବି ହେ ମହାବାହୁ,
ବଞ୍ଚିଥିବି ଯଦି ଆର ବରଷକୁ
ଆସିବି ଥରେ ମୁଁ ଆଉ।
ଘୋଷ ଯାତରାକୁ ନ ଆସି ପାରିଲେ
ଆସିବି ମୁଁ ବାହୁଡ଼ାକୁ,
ଭକତ ମେଳରେ ଟାଣିବି ମୁଁ ଥରେ
ତୋ' ରଥର ଦଉଡ଼ାକୁ।
ଏଇ ଅଳି ମୋର ରଖିବୁ କାଳିଆ
ଯାହା ତୁ ଦେଇଛୁ ଅଛି,
କିସ ହେବ ମୋର ଧନ ବଇଭବ
ତୁ ପରା ମୋ' ସବୁ କିଛି।
**– ତପନ କୁମାର ସ୍ୱାଇଁ**
ଅଇବିଲି, ତିର୍ତ୍ତୋଲ, ଜଗତସିଂହପୁର
ମୋ: ୯୦୪୦୦୩୩୩୯୦

# ଅନ୍ନ ଭଗବାନ

ଯେପରି ଅନ୍ନ ସେପରି ମନ
ଶୁଣ ଶୁଣ ପ୍ରିୟ ବାଳକଗଣ,
ଅନ୍ନମୟ କୋଷ ବୃଦ୍ଧି ନିମିତ୍ତ
ସୁଷମ ଖାଦ୍ୟ ଖାଇବ ଯେ ନିତ୍ୟ।
ସାତ୍ତ୍ୱିକ ଆହାର ସବୁଠୁ ହିତ
ଖାଇ ବସିବ ହୋଇ ଶୁଦ୍ଧପୂତ,
ଖାଇବା ବେଳେ କଥା ନ ହୁଅ
ଯେତେ ଦରକାର ସେତିକି ନିଅ।
ଖାଦ୍ୟ ମଝିରେ ପାଣି ନ ପିଅ
ଚୋବାଇ ଚୋବାଇ ତାହାକୁ ଖାଅ,
ପେଟକୁ ପୂର୍ଣ୍ଣ କରି ନ ଖାଅ
ବାୟୁ, ଜଳ ପାଇଁ ସ୍ଥାନ ତ ଦିଅ।
ଜିଭ ଲାଳସା ପୂରଣ ପାଇଁ
ଏଣୁ ତେଣୁ ଖାଦ୍ୟ ନିଅ ତ ନାହିଁ,
ରକ୍ତ, ମାଂସ, ମଜ୍ଜା ହୁଏ ଭାଇ
ପ୍ରକ୍ରିୟାକରଣ ହୋଇ ତ ସେହି।
**– ସନ୍ତୋଷ କୁମାର ପଣ୍ଡା**
ଗତିରାଉତପାଟଣା, କଟକ
ମୋ: ୮୨୪୯୦୨୧୪୨୪

## ହସିଦିଅ ଥରେ

ଭକତି ଜଗାଇ ମିଠାଗୀତ ଗାଇ
ଭକତ ହେଲେଣି ସଜ
ତୁମ ଯାତ ଦେଖି ଯିବେ ନୀଳାଚଳ
ଚକାଆଖି ଦେବରାଜ।
ବରଷକ ପରେ ଦେଉଳୁ ବାହାରି
ଦେଖା ଦିଅ ତୁମେ ସାଇଁ
ତୁମ ଯାତ ପରି ଏ ସାରା ବିଶ୍ୱରେ
ବଡ଼ପର୍ବ ଅଛି କାହିଁ।
ଭଉଣୀ ସୁଭଦ୍ରା ଭାଇ ବଳଭଦ୍ର
ତୁମସାଥେ ଯିବେ ହସି
ସରଗ ରାଇଜୁ ଶରଧାବାଲିରେ
ସୁଧାଧାରା ଯିବ ଖସି।
ରଥପରେ ବସି କଳାମାଣିକ ହେ
ଥରଟିଏ ଦିଅ ହସି
ମଧୁମତୀ ଏଇ ଧରଣୀ କୋଳରୁ
ହଟିଯାଉ ଦୁଃଖନିଶି।
**– ପ୍ରଶାନ୍ତ କୁମାର ଦାଶ**
କୁଞ୍ଜର ସଙ୍ଗଳାଇ, ପିପିଲି, ପୁରୀ
ମୋ: ୯୬୬୮୮୨୨୧୯୦

# ଏଥରର



- ପୃଥିବୀର ବୃହତ୍ତମ ସ୍ଥଳଚର ପ୍ରାଣୀ ?
- ପୃଥିବୀର ବୃହତ୍ତମ ଜଳଚର ପ୍ରାଣୀ ?
- ଭାରତର କୁଳବୃଦ୍ଧ କିଏ ?
- ଏସିଆର ଆଲୋକ ?
- ବଙ୍ଗଳାର ବାଘ ?

## ଗତଥରର




- ପୂର୍ଣ୍ଣିମା
- ମିଶର
- କଳା
- ୪ ଗୁଣ
- ସୂର୍ଯ୍ୟ

## କହିଲ ଦେଖି

ଠାକୁର ଠାକୁର କଳା ଠାକୁର
ଘର ଅଟେ ତାଙ୍କ ଶିରୀ ମନ୍ଦିର
ସଙ୍ଗେ ଛନ୍ତି ତାଙ୍କ ଭଉଣୀ ଭାଇ
ଛାତିଏ ପଉଟି ବସିଣ ଖାଇ
ଅଧା ଗଢ଼ା ଦେହ ବଡ଼ ସୁନ୍ଦର
ବସିଛନ୍ତି କରି ବଡ଼ ହୁନ୍ଦର
ସେ କେଉଁ ଦିଅଁ
ଜାଣିଅଛ ଯିଏ ଉତ୍ତର ଦିଅ



ଉତ୍ତର – **ଶ୍ରୀଜଗନ୍ନାଥ**

ଯାତରା ଯାତରା ବଡ଼ ଯାତରା
କରିଥାନ୍ତି ରାଜା ଛେରାପହଁରା
ଭାଇ ଭଗ୍ନି ସାଥେ ଜଗତ ନାଥ
ଭକତ ମେଳରେ ହୋଇ ଉଷତ
ପହଣ୍ଡି କରି,
ମାଉସୀ ଘରକୁ ଗଲେ ବାହାରି
କେଉଁ ଯାତରା ସେ କହିବ ଯିଏ,
ଯାତରା ଦେଖି ଯିବରେ ସିଏ।




ଉତ୍ତର – **ରଥଯାତ୍ରା**

ବଡ଼ ଦାଣ୍ଡେ ଦେଖ ରଥ ତିନୋଟି
ରଥେ ବିରାଜିତ ଚତୁର୍ଦ୍ଧା ମୂର୍ତ୍ତି
ରଥ ତିନୋଟିର ନାମ ଯେ କ'ଣ
କହିଦେବ ଯିଏ ସୁନାଟି ଜାଣ



ଉତ୍ତର – **ତାଳଧ୍ୱଜ, ଦେବଦଳନ, ନନ୍ଦିଘୋଷ**

ବଡ଼ ଦେଉଳର ନୀଳ ଚକ୍ରରେ
ଫର ଫର ଉଡ଼େ ପବନ ଧାରେ
ଦେଖି ଦୁଇ ହାତ ଟେକି ଭକତ
କହେ ତ୍ରାହି କର ଜଗତ ନାଥ
ସେ କେଉଁ ବାନା
କହି ଦେଲେ ଦେଖି ପାରିବୁ ସିନା।



ଉତ୍ତର – **ପତିତପାବନ ବାନା**

**– ଲୀଳାବତୀ ପରିଡ଼ା**
କୁରୁଣିଆଁ ହିନ୍ଦୋଳ, ଢେଙ୍କାନାଳ
ମୋ: ୯୮୬୧୯୪୫୬୨୬

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# କଙ୍ଗୋ ଲାଇନରେ କୁକୁର

ଏକାବେଳକେ ୧୪ଟି କୁକୁରଙ୍କୁ ଏକ ନିର୍ଦ୍ଦିଷ୍ଟ ଧାଡିରେ ପୁଣି ସ୍ୱତନ୍ତ୍ର ଶୈଳୀରେ ଛିଡା କରାଇବା ଏତେ ସହଜ କଥା ନୁହେଁ। କିନ୍ତୁ ଏଭଳି କାମ କରି ଦେଖାଇଛନ୍ତି ଉଲ୍ଫ ଗ୍ୟାଙ୍ଗ ଲୁଏନବର୍ଗ। ସେ ତାଙ୍କର ୧୪ଟି କୁକୁରକୁ ସ୍ୱତନ୍ତ୍ର ତାଲିମ ଦେଇ କଙ୍ଗୋ ଲାଇନରେ ଛିଡ଼ା କରାଇ ରେକର୍ଡ କରିପାରିଛନ୍ତି। ଜର୍ମାନୀର ଲୁଏନବର୍ଗ ୧୪ଟି କୁକୁରକୁ ପୋଷାଭାବେ ରଖି ଅନେକ ଦିନରୁ ତାଲିମ ଦେଉଥିଲେ। ତେଣୁ ତାଙ୍କ କହିବା ଅନୁସାରେ କୁକୁରମାନେ ବେଶ୍ ସୁନ୍ଦରଭାବେ ପଛକୁ ପଛ ଏକ ସ୍ୱତନ୍ତ୍ର ଢଙ୍ଗରେ କଙ୍ଗୋ ଲାଇନ କରି ଛିଡ଼ା ହୋଇ ଯାଉଥିଲେ। କୁକୁରମାନଙ୍କର ଏହି ତାଲିମକୁ ପ୍ରଦର୍ଶନ କରି ସେ ଗିନିଜ ରେକର୍ଡରେ ସ୍ଥାନ ପାଇଛନ୍ତି। ଗିନିଜ ରେକର୍ଡର ନିୟମ ଅନୁସାରେ କୁକୁରମାନେ କଙ୍ଗୋ ଲାଇନରେ ରହି ୫ ମିଟର ପର୍ଯ୍ୟନ୍ତ ଚାଲିଥିଲେ। କଙ୍ଗୋ ଲାଇନ ହେଉଛି ଏକ ସ୍ୱତନ୍ତ୍ର ନୃତ୍ୟର ଶୈଳୀ, ଯେଉଁଥିରେ ନୃତ୍ୟ କରିବା ପାଇଁ ଧାଡି ହୋଇ ପଛକୁ ପଛ ଜଣେ ଅନ୍ୟଜଣଙ୍କ କାନ୍ଧ କିମ୍ବା ଅଣ୍ଟାରେ ହାତ ରଖିଥାନ୍ତି। ଠିକ୍ ଏଭଳି ଢଙ୍ଗରେ ଲୁଏନବର୍ଗଙ୍କ କୁକୁରସବୁ ଛିଡ଼ା ହେବା ସହିତ ୫ ମିଟର ଦୂରତା ବି ଅତିକ୍ରମ କରିଥିଲେ। ତେବେ ଏହାପୂର୍ବରୁ ତାଙ୍କ ଝିଅ ମଧ ୮ଟି କୁକୁରକୁ ନେଇ କଙ୍ଗୋ ଲାଇନ୍ କରି ଗିନିଜ୍ ରେକର୍ଡ କରିଥିଲେ। ଏବେ ଲୁଏନବର୍ଗ ତାଙ୍କ ଝିଅଙ୍କ ରେକର୍ଡକୁ ଭାଙ୍ଗି ନିଜେ ରେକର୍ଡ କରିପାରିଛନ୍ତି।



# ବିଚିତ୍ର ସୁନ୍ଦର ପକ୍ଷୀ

## ଡାହୁକ





ଗ୍ରୀଷ୍ମ ଛୁଟି ହୋଇଥାଏ । ସୁବ୍ରତ ବାବୁ ତାଙ୍କର ଭଉଣୀ ଘର ଗାଁକୁ ବୁଲି ଯାଇଥାନ୍ତି । ଦିନେ ସୁବ୍ରତ ବାବୁ ତାଙ୍କ ଭଉଣୀଙ୍କୁ କହିଲେ, ଦିଦୀ ମୁଁ ଆଜି ଗାଁ ପୋଖରୀକୁ ଗାଧୋଇବାକୁ ଯିବି । ଦିଦୀ କହିଲେ, 'ଠିକ୍ ଅଛି । ଏବେ ପୋଖରୀରେ ପାଣି ପୂରାପୂରି ସଫା ଅଛି । ତୁମେ ପିଣ୍ଟୁ ସହିତ ପୋଖରୀକୁ ଗାଧୋଇବା ଲାଗି ଯାଅ ।' ଏହା ଶୁଣି ପିଣ୍ଟୁ ଭାରି ଖୁସି ହେଲା ଓ ଦୁହେଁ ଗାଧୋଇବା ପାଇଁ ଗଲେ । ସୁବ୍ରତ ବାବୁ ଦେଖିଲେ ଯେ ପୋଖରୀରେ ଦଳ ସହିତ ପଦ୍ମ ଓ କଇଁ ଫୁଲ ଫୁଟିଅଛି, ଭାରି ସୁନ୍ଦର ଦେଖାଯାଉଅଛି ।

ପିଣ୍ଟୁ ପଚାରିଲା, ମାମୁ ! ପାଣି ଭିତରେ ଦୁଇ ତିନୋଟି ଛୋଟ କୁକୁଡ଼ା ଭଳି ସୁନ୍ଦର ପକ୍ଷୀ ଦେଖାଯାଉଅଛି । ସେ ପକ୍ଷୀର ନାମ କ'ଣ ? ମାମୁ ପାଖକୁ ଟିକେ ଯାଇ ନିରୀକ୍ଷଣ କଲେ ଓ କହିଲେ ଏହି ପକ୍ଷୀର ନାମ 'ଡାହୁକ' । ଏହି ପକ୍ଷୀଟି ଗାଁ ଗାଡ଼ିଆ, ପୋଖରୀ, ପାଣି କୂଳିଆ ବୁଦା ଓ ସନ୍ତସନ୍ତିଆ ସ୍ଥାନରେ ରହିଥାନ୍ତି । ଖାଦ୍ୟ ଗ୍ରହଣ ପାଇଁ ବର୍ଷା ଦିନେ ଫସଲ କିଆରିରେ ମଧ୍ୟ ବୁଲୁଥିବାର ଦେଖାଯାଏ । ବେଳେବେଳେ ଛୋଟ ଛୋଟ ଗଛ ଉପରକୁ ଚଢୁଥିବାର ଦେଖାଯାଏ । ପିଣ୍ଟୁ ପଚାରିଲା,'ମାମୁ! ଏହି ପକ୍ଷୀ କ'ଣ ଖାଇ ବଞ୍ଚିଥାଏ ?' ମାମୁ କହିଲେ, ଏମାନେ କୀଟ, ପତଙ୍ଗ, ଜିଆ ଗେଣ୍ଡା ଆଦି ସହିତ ଛୋଟ ଛୋଟ ମ ା ଛ , ଫସଲ କିଆରିରେ ଥିବା ଶସ୍ୟ ଆଦି ଏମାନଙ୍କର ପ୍ରିୟ ଖାଦ୍ୟ ଅଟେ ।

ପିଣ୍ଟୁ ପଚାରିଲା, ''ମାମୁ! ଏହି ପକ୍ଷୀର ବର୍ଣ୍ଣ ଦୁଇ ତିନି ପ୍ରକାରର ଥିବାର ଜଣାଯାଉଅଛି ।'' ମାମୁ କହିଲେ, ତୁ ଠିକ୍ କହିଛୁ । ପକ୍ଷୀର ଉପର ଓ ପାର୍ଶ୍ୱଭାଗ ଧୂସର ବର୍ଣ୍ଣ ; କିନ୍ତୁ ମୁଖ ଓ ତଳ ଭାଗ ଧଳା ରଙ୍ଗ ଅଟେ । ଏହି ପକ୍ଷୀର ଲାଞ୍ଜ ଛୋଟ ଓ ମୋଟା । ଏହାର ଥଣ୍ଟ ଓ ଗୋଡ଼ ହଳଦିଆ ରଙ୍ଗର । ମାଈ ପକ୍ଷୀ ପୁରୁଷ ପକ୍ଷୀଠାରୁ ସାମାନ୍ୟ ଛୋଟ । ପିଣ୍ଟୁ ପଚାରିଲା ମାମୁ! ଏମାନେ କ'ଣ କାଉ କୋଇଲି ଭଳି ରାବ ଦିଅନ୍ତି କି ?

ମାମୁ କହିଲେ, ତୁ ଭଲ ପ୍ରଶ୍ନଟିଏ ପଚାରିଲୁ । ଏମାନେ ହସିବା ଭଳି ସ୍ୱର ସୃଷ୍ଟି କରିଥାନ୍ତି । ସାଧାରଣତଃ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସମୟରେ ଏମାନଙ୍କର କୋଳାହଳ ବେଶୀ । ପିଣ୍ଟୁ ପଚାରିଲା, ମାମୁ! ଏମାନେ ଅନ୍ୟ ପକ୍ଷୀ ଭଳି ବସା ତିଆରି କରନ୍ତି କି ? ମାମୁ କହିଲେ, ଜଳାଶୟ ନିକଟରେ ଥିବା କୌଣସି ଏକ ଗଛରେ ଏମାନେ କାଠିକୁଟା ସାହାଯ୍ୟରେ ପାଖାପାଖି ଦୁଇ ପ୍ରକାର ବସା ତିଆରି କରନ୍ତି । ଗୋଟିଏ ବସାରେ ମାଈପକ୍ଷୀ ଥରକେ ଛଅରୁ ସାତଟି ଅଣ୍ଡା ଦେଇଥାଏ । ଦ୍ୱିତୀୟ ବସାରେ ୧୯ରୁ ୨୧ଦିନ ପରେ ଅଣ୍ଡା ମଧ୍ୟରୁ ଛୁଆ ବାହାରିଥାଏ । ଏହି ଛୁଆ ବଡ଼ ହେବା ପର୍ଯ୍ୟନ୍ତ ବାପା କିମ୍ବା ମାଆ ପକ୍ଷୀ ଜଗି ରହିଥାଆନ୍ତି । ମାମୁ କହିଲେ, ପିଣ୍ଟୁ ମାଆ ବ୍ୟସ୍ତ ହେଉଥିବେ ଗାଧୋଇସାରି ଶୀଘ୍ର ଘରକୁ ଯିବା ।

–**ବିନୋଦ ଚନ୍ଦ୍ର ଜେନା**, ଭିକ୍ଟୋରୀ କଲୋନୀ,
ପାରଳାଖେମୁଣ୍ଡି, ଗଞ୍ଜାମ
ମୋ: ୭୭୩୫୨୨୨୭୧୩



## ଜୋକ

ବିଶ୍ୱରେ ବିଭିନ୍ନ ପ୍ରକାର ପ୍ରାଣୀ ଦେଖିବାକୁ ମିଳିଥାଆନ୍ତି । କେତେକ ପ୍ରାଣୀ ସେମାନଙ୍କର ବିଶେଷ ଗୁଣ ପାଇଁ ଅନ୍ୟମାନଙ୍କଠାରୁ ଭିନ୍ନ ହୋଇଥାଆନ୍ତି । ଏଭଳି ଏକ ଜଳଜ ପ୍ରାଣୀ ରହିଛି, ଯାହା ବିଷୟରେ ଜାଣିଲେ ଯେ କେହି ବି ଆଶ୍ଚର୍ଯ୍ୟ ହୋଇଯିବେ । ଏହା ହେଉଛି ଜୋକ । ଏହାର ୩୨ଟି ମସ୍ତିଷ୍କ, ୧୦ଟି ଆଖି ଏବଂ ୩୦୦ଟି ଦାନ୍ତ ରହିଛି । ଉକ୍ତ ପ୍ରାଣୀର ଶରୀରରେ ତିନୋଟି ପରସ୍ତବିଶିଷ୍ଟ ଚମଡ଼ା ରହିଛି । ପ୍ରତ୍ୟେକ ଚମଡ଼ା ପରସ୍ତରେ ୧୦୦ଟି ଦାନ୍ତ ରହିଛି । ଏହି ଦାନ୍ତ ସାହାଯ୍ୟରେ ସେ ମନୁଷ୍ୟ ଶରୀରରୁ ରକ୍ତ ଶୋଷିଥାଏ । ଏମାନେ ତାଙ୍କ ଶରୀର ଓଜନଠୁ ୧୦ଗୁଣା ରକ୍ତ ଶୋଷିପାରନ୍ତି । ଏହି ପ୍ରାଣୀର ଶରୀର ୩୨ ଭାଗରେ ବିଭକ୍ତ ଏବଂ ପ୍ରତ୍ୟେକ ଭାଗରେ ଗୋଟିଏ ଲେଖାଏଁ ମସ୍ତିଷ୍କ ରହିଥାଏ । ଭାଗ ଭାଗ ହୋଇଥିବା ଏହି ଶରୀର ପରସ୍ପର ସହ ଯୋଡ଼ି ହୋଇ ରହିଥାଏ ।





## ଫ୍ଲାଇଟ୍‌ରେ ଡିଓ ମନା

ଝାଳ ଦୁର୍ଗନ୍ଧରୁ ରକ୍ଷା ପାଇବା ପାଇଁ ଆଜିକାଲି ଅନେକେ ବିଭିନ୍ନ ପ୍ରକାରର ସୁଗନ୍ଧଯୁକ୍ତ ଡିଓ ବ୍ୟବହାର କରିଥାନ୍ତି । ଫ୍ଲାଇଟ୍‌ରେ ଯାତ୍ରା କରିବା ସମୟରେ କେତେକ ନିୟମକୁ ପାଳନ କରିବାକୁ ପଡିଥାଏ । ବିଶେଷଭାବରେ ଏହା ଭିତରେ ଡିଓ ବ୍ୟବହାର କରିବା ମନା । ହେଲେ କାହିଁକି ? ଡିଓରେ ଏଭଳି କ'ଣ ରହିଛି ଯେ ତାହାକୁ ଫ୍ଲାଇଟ୍ ଯାତ୍ରା ସମୟରେ ବାରଣ କରାଯାଇଥାଏ ? ପରଫ୍ୟୁମ୍ ହେଉ ଅବା ଡିଓ– ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ଜ୍ୱଳନଶୀଳ । ଯଦି କୌଣସି କାରଣରୁ ଫ୍ଲାଇଟ୍‌ରେ ନିଆଁ ଲାଗିଗଲା, ତେବେ ଏହି ନିଆଁ ଡିଓ ସଂସ୍ପର୍ଶରେ ଆସିଲେ ତାହା ଅଧିକ ଭୟାନକ ରୂପ ନେଇଥାଏ । ତେଣୁ ବିମାନରେ ଡିଓ ବ୍ୟବହାର ଲାଗି ନିଷେଧ କରାଯାଇଛି । କିଛି ଲୋକଙ୍କର ଆଲର୍ଜି ସମସ୍ୟା ରହିଥାଏ । ଯଦି ଏମାନେ ଫ୍ଲାଇଟ୍‌ରେ ଯାତ୍ରା କରୁଛନ୍ତି, ତେବେ ଡିଓ ସ୍ମେଲ ସଂସ୍ପର୍ଶରେ ଆସିଲେ କାଶ, ଛିଙ୍କ ଆଦି ହେବାର ଆଶଙ୍କା ରହିଥାଏ ।

## ହୀରାଖଚିତ ଅଣ୍ଡା

ଆମେ ଖାଉଥିବା ଦୈନନ୍ଦିନ ଖାଦ୍ୟ ମଧ୍ୟରେ ଅଣ୍ଡା ଅନ୍ୟତମ । ଏଥିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପଯୋଗୀ ଗୁଣ ଭରି ରହିଛି । କେତକେ ଅଣ୍ଡା ଏବଂ ସେଥିରୁ ପ୍ରସ୍ତୁତ ଖାଦ୍ୟ ଖାଇବାକୁ ପସନ୍ଦ କରିଥାଆନ୍ତି । ବିଶେଷ ଭାବରେ ଦେଶୀ କୁକୁଡ଼ା ଅଣ୍ଡାର ଚାହିଦା ଅଧିକ । ଏହି ଅଣ୍ଡାର ମୂଲ୍ୟ (ଗୋଟିଏ) ପ୍ରାୟ ୫–୧୦ଟଙ୍କା ଭିତରେ ରହିଥାଏ । ହେଲେ ଗୋଟିଏ ଅଣ୍ଡାର ଦାମ୍ କ'ଣ ୭୮ କୋଟି ଟଙ୍କା ହୋଇପାରେ ? ହଁ, ସେଭଳି ଏକ ଅଣ୍ଡାକୁ ବିଶ୍ୱର ସବୁଠାରୁ ଦାମୀ ଅଣ୍ଡା ଭାବରେ ଗ୍ରହଣ କରାଯାଇଛି । ଏହି ଅଣ୍ଡାର ନାମ 'ରୋଥ୍‌ସଚାଇଲ୍ଡ ଫାବର୍ଜ ଇଷ୍ଟର ଏଗ (Rothschild Faberge Easter Egg)' । ଏଭଳି ଅଣ୍ଡାର ମୂଲ୍ୟ ପଛରେ କାରଣ ମଧ୍ୟ ରହିଛି । ଏହି ଅଣ୍ଡାଟିରେ ବିଭିନ୍ନ ପ୍ରକାର ହୀରା ଖଚିତ ହୋଇଛି । କେବଳ ସେତିକି ନୁହେଁ, ଏହାର ଖୋଳଟିକୁ ସୁନା ଦ୍ୱାରା ଆଚ୍ଛାଦନ କରାଯାଇଛି । ହେଲେ ଆପଣ ଭାବୁଛନ୍ତି କି, ଏହି ଅଣ୍ଡାଟିକୁ କେହି ଖାଇପାରିବେ ? ହେଲେ ନା, ଉକ୍ତ କୃତ୍ରିମ ଅଣ୍ଡାଟି ଖାଇବା ଲାଗି ନୁହେଁ, ବରଂ ସଜାଇବା ପାଇଁ ବ୍ୟବହାର କରାଯାଇଥାଏ ।

# ଆ ଇ ନା



ନିଷ୍ଠା ପ୍ରିୟଦର୍ଶିନୀ ସେଠୀ
୪ ବର୍ଷ, ଭୁବନେଶ୍ୱର



ସ୍ମୃତି ସୌରଭ
୧୦ ବର୍ଷ, ଯାଜପୁର